# ପିଲାଙ୍କ କଥା
## (ଖଡ଼ିଆ)
## ପ୍ରଥମ ଭାଗ



# ପିଲାଙ୍କ କଥା (ଖଡ଼ିଆ)

## ପ୍ରଥମ ଭାଗ

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା


ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
ଶ୍ରୀ ପ୍ରବୀଣ ଡନ୍‌ସନା
ଶ୍ରୀ ଅର୍ଜୁନ ନାୟକ

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ



ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
Sri Praveen Dansana
Sri Arjun Nayak

Co- ordinator :
**Dr. Paramananda Patel**



Published by :
Academy of Tribal Languages & Culture
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସଂପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକର ଅନେକ ଉପଭାଷା । ବୋଲି ତିଆରି କରି ଦେଇଛି ତେଣୁ ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ବିଚିତ୍ର ସ୍ଥିତି ଆମକୁ ଅବୁଝା କରିଥାଏ ।

ଦ୍ୱିତୀୟତଃ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଆଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀର ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରକ ବୁଝିବାରେ ସକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥାର ଭାଷା ସହ ଜଡ଼ିତ ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ ପ୍ରସ୍ତୁତ ହୁଏ । ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍‌ର ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ । ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକ ମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ଦେଇଆସୁଛି । ଦ୍ୱିତୀୟତଃ ପ୍ରଥମ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବାପାଇଁ ତାଙ୍କ ଭାଷା ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ର ଭିତ୍ତିକ କାହାଣୀ-ଗୀତ-ପହଳିର ଅତିରିକ୍ତ ପୁସ୍ତିକା । ଏହା ପିଲାମାନଙ୍କୁ କେବଳ ଆନନ୍ଦ ଦେବ ତା ନୁହେଁ ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ସଂକ୍ରମିତ କରୁଛି ତା ଉପରେ ଧାରଣା ପାଇବେ ।

**ଅଖିଳ ବିହାରୀ ଓତା**

# ଭାଏ ବହେନ ବୀରୁ
# (ଭାଇ ଭଉଣୀ ପର୍ବତ)





**ଖୋବ୍ ଦିନ ତୁତାଃ କାୟମ୍ । ମୁଇଙ୍ଗ୍ କେଲ୍କେତେ ଉବାର୍ ଭାଏ ବହେନ୍ ଆକି କିଆର୍ । ଆଡ଼୍ କିଆ ରାଃ ବୁଆ ମାଁ ବେର୍ଜ ମଃ ଆନା । ଖୋବ୍ ଗଡ୍ଗଡାତେ ଚଲେ ଖାନତା କିଆର । ସୁଇନା ଜ ଉମ୍ କୁଇଖାନ୍ତେ କି ଆର୍ । ମୁସ୍ନିଙ୍ଗ୍ ଦୁହିଝନ୍ ଡକ କରି ଭାବେ ଅଃ କିଆର୍ । ବର୍ନା ନଃନା ସାନା କିଆର୍ । ଅଡ଼ଃ ଦିନତାୟ ଦୁହିଝନ୍ କେଲ୍କେ ମେଲାଏ କରି ବର୍ନା ନଃନା ଖୋବ୍ ଡିସାଃ ସାନ୍କି କିଆର୍ । ଅଖଣ୍ଡି ଆଡାୟ୍ । ବେଡ଼୍ ବିଁଡିବ୍ କରି ଆନ୍ଧାର (ଲେଲୁଙ୍ଗ୍) ହଏ ଗଃକି । ଏକର୍ତେ ମୁଇଙ୍ଗ ଜ କେଲକେ ମଃ ଆନା ।**

ବହୁ ଦିନ ତଳର କଥା । ଗୋଟିଏ ଗାଁରେ ଦୁଇ ଭାଇ ଭଉଣୀ ଥିଲେ । ସେମାନଙ୍କର ବାପା କିମ୍ୱା ମା' କେହି ନ ଥିଲେ । ବହୁତ କଷ୍ଟରେ ଜୀବନ ଯାପନ କରୁଥିଲେ । ଖାଇବା ପିନ୍ଧିବା ପାଇଁ ମଧ୍ୟ ପାଉ ନଥିଲେ । ଦିନେ ଦୁଇ ଜଣ ଯାକ ବସି ସ୍ଥିର କଲେ – ଭିକ ମାଗିବା ପାଇଁ ଯିବେ । ଅନ୍ୟଦିନ ଦୁହେଁ ଘରୁ ବାହାରି ଗାଁ ଛାଡି ଭିକ ମାଗିବାକୁ ବହୁ ଦୂରକୁ ଚାଲିଗଲେ । ଘୋର ଜଙ୍ଗଲ । ସୂର୍ଯ୍ୟାସ୍ତ ହୋଇ ଅନ୍ଧାର ହୋଇଗଲା । ପାଖରେ କୌଣସି ଗାଁ ନ ଥିଲା ।








ଆଡାୟ୍ ଭିଃତାର୍ ଗଃଝୁଙ୍ଗ୍ ତରାତେ ଡକ କଲା ଦୁହିଝନ୍ ଚିନ୍ତା ବାୟଃ କିଆର୍ । ମୁସା ଉ ଆଡାୟ୍ ଭିଃତାରତେ ଗା ରହେନା ଗୁର୍ନା । ଦୁହିଝନ୍ ଆଃ ଜିନିଷ୍ ପତର୍ ମୁଇଙ୍ଗ୍ ଠାଣ୍ତେ ଉନ୍ କରି ପୂରୁବ୍ତିଗ୍ ବକୋପ୍ ବାଏକରି ଗିତାଃ ଗଃ କି କିଆର୍ । ଉଜେଃ ଶିବ ପାର୍ବତୀ ଆକାଶ୍ତେ ରହେ କରି ଜଏତାଏଗ୍ କିଆର୍ ଯେ ଦୁହିଝନ୍ ମାଁ ବୁଆ ଉମ୍ ଆନା କୁଣୁଃ ଦୁହିଟା ଅଖଣ୍ଡି ଆଡ଼ାୟ୍ତେ  ଗିତାଃ ଗଃସିଗ୍ କିଆର୍ । ଆଡ୍କିଆରାଃ ଗଡ଼୍ଗଡାଃ ଭଗମାନ୍ ଶିବ ର ପାର୍ବତୀ ସହେନା ଉମ୍ ପାଲଃ କିଆର୍ର ତୁତାବୁଙ୍ଗ୍ ଉତ୍ରେ (ଆରେ) କି କିଆର୍ । ଶିବ ପାର୍ବତୀତେ ଜୟ୍ କଲା କୁଣୁଃ ଦୁହିଟା ବତଙ୍ଗ୍ ଗଃ କି କିଆର୍ ।

ଜଙ୍ଗଲ ବାଟ ପାଖରେ ଦୁହେଁ ବସି ସ୍ଥିର କଲେ । ଆଜି ଏହି ଜଙ୍ଗଲ ମଝିରେ ହିଁ ରହିବାକୁ ପଡିବ । ଦୁଇଜଣଙ୍କର ଜିନିଷପତ୍ର ଏକାଠି ରଖି ପୂର୍ବ ଦିଗକୁ ମୁଣ୍ଡ କରି ଶୋଇଗଲେ । ଏହା ଶିବ ପାର୍ବତୀ ଆକାଶରେ ଥାଇ ଦେଖୁଥିଲେ ଯେ ଦୁଇଜଣ ବାପା ମାଁ ଛେଉଣ୍ଡ ପିଲା ଘୋର ଜଙ୍ଗଲରେ ଶୋଇପଡିଛନ୍ତି । ସେମାନଙ୍କ ଦୁଃଖକଷ୍ଟ ଶିବ ପାର୍ବତୀ ସହି ପାରିଲେ ନାହିଁ ଓ ତଳକୁ ଓହ୍ଲାଇ ଆସିଲେ । ଶିବ ପାର୍ବତୀଙ୍କୁ ଦେଖି ଛୁଆ ଦୁହେଁ ଡରିଗଲେ ।



ଶିବ ପାର୍‌ବତୀ ଆବୁ ବତଙ୍ଗ୍ ନାବାର ଗାମ୍ କରି ଗାମଃ କିଆର୍ । ଏନ୍‌ଞାର ଆମ୍ବାର ଦୁହିଝନ୍ ତେ ଆଶିର୍ବାଦତେର ତାଏଗ୍ ଜାର୍ । ମୁସାତାୟ୍ ଆମ୍ବାର୍ ଦୁହିଝନ୍ ଭାଏ ବହେନ୍ ବୀରୁ ହଏ ଗଃକିବାର୍ ର ଝାକି ଜୀବ୍ ଜତୁ କି ଉ ଆଡାୟ୍ ତେ, ଉ ବୀରୁ ତେ ରହେନା କି । ଉତେଗା ଆଡ୍‌କି ନଃନା ଉଡନା କୁଏ କି । ମିଆଁଃ ହଏନା ତାଏ ଲେବୁ କି ଜୟଃ କିଯେ ଉ ଏକର୍‌ତେ କ ବୀରୁ ମଃ ଆନା । ଇଘାଏ ଜନ୍ମେକି ? ଲଃଢ଼ ଝାକି ଉ କାୟମ୍ ଯେ ଜନା ଗୁର୍‌କି । ଉପାଡି ଯାକର ମେସନ୍ ମେସନ୍ ବୀରୁ ତଭ୍‌ଲୁଙ୍ଗତେ ଦୁହି ଭାଏ ବହେନ୍ ବୁଲିଖାନା ଯେଃ ଲେବୁ କାୟମ୍ ଅଣ୍ଡର୍‌ତା । ହଆଃଥମ୍ ଉ ବୀରୁ ତେ ଭାଏ ବହେନ୍ ବୀରୁ ଗାମ୍‌ତେ କି ।

ଶିବ ପାର୍ବତୀ ଡର ନାହିଁ ବୋଲି ଆଶ୍ୱାସନା ଦେଲେ ଓ କହିଲେ - ଆମ୍ଭେ ଦୁହିଁଙ୍କୁ ଆଶିର୍ବାଦଦେଉଛୁ । ଆଜିଠାରୁ ତୁମ୍ଭେ ଦୁହେଁ ଭାଇଭଉଣୀ ପର୍ବତ ହୋଇଗଲ ଓ ଜୀବଜନ୍ତୁଙ୍କୁ ଏହି ଜଙ୍ଗଲରେ ଆଶ୍ରୟ ଦେବ । ଏଠାରେ ହିଁ ସେମାନେ ଖାଇବା ପିଇବାକୁ ପାଇବେ । ସକାଳ ହେଲାରୁ ଲୋକେ ଦେଖିଲେ ଏହି ପାଖରେ ତ ପର୍ବତ ନ ଥିଲା । କିପରି ସୃଷ୍ଟି ହେଲା । ପରେ ସମସ୍ତ କଥା ଜଣା ପଡିଲା ଓ ଏବେ ମଧ୍ୟ ବେଳେ ବେଳେ ପାହାଡ଼ ଉପରେ ଦୁଇ ଭାଇ ଭଉଣୀ ବୁଲୁ ଥିବାର ଲୋକ କଥା ଜଣାଯାଏ । ତେଣୁ ଏହାକୁ ଭାଇ ଭଉଣୀ ପର୍ବତ ବୋଲି କହନ୍ତି ।



# ଡୁରୁଆଃ କୁଲୁଃ ନଃନଃ
# (ଗଧିଆର କଇଁଛ ଖିଆ)






କୁଲୁ ର ପଡଂ ଉବାର୍ ସରି । ଦୁହିଝନ୍ ଏବଃ ଖାନ୍ତା କିଆର୍ । ଡୁରୁ ଆଡାୟ୍‌ତେ ବୁଲି ବୁଲି ଇହିଜ ନଃନା ଉମ୍ କୁୟଃ । ଗଃଝୁଙ୍ଗ୍‌ତେ କଲୁ ର ପଡଂ ତେ କୁୟଃ । ଆଡି ଦୁହିଝନ୍‌ତେ ନଗିଙ୍ଗ୍ ଗାମଃ ।

କଇଁଛ ଓ ଠେକୁଆ ଦୁଇ ସାଙ୍ଗ । ସେମାନେ ଦୁହେଁ ମିଶି ଖେଳୁଥିଲେ । ଗଧିଆଟିଏ ବଣରେ ବୁଲି ବୁଲି ଶିକାର ପାଇଲା ନାହିଁ । ବାଟରେ କଇଁଛ ଓ ଠେକୁଆକୁ ପାଇଲା । ସେ ଦୁହିଁଙ୍କୁ ଖାଇବ ବୋଲି କହିଲା ।



**ଦୁହିଝନ୍ ଉପାୟ୍ ବାୟଃ କିଆର୍ କୁଲୁ ଗାମଃ - ଇଙ୍‌ତେ ମୁସା ନଗେ । ପଡଂ ତେ ଡୁଡ଼ାନଗମ୍ । ଡୁରୁ କୁଲୁତେ ନଃନା ସାନ୍‌କି । ସରେଙ୍ଗ୍ ଗୁଡ୍ ଆଁଟ୍ କଙ୍‌କି । ଡୁରୁ ଗାମଃ - ଏବା .... ଆମ୍ କ ମୁରୁକ୍ ଆଁଟ୍ ।**

ଦୁଇଜଣ ଯାକ ଉପାୟ ପାଞ୍ଚିଲେ । କଇଁଛ କହିଲା – ମୋତେ ଆଜି ଖାଅ । ଠେକୁଆକୁ କାଲି ଖାଇବ । ଗଧିଆ କଇଁଛକୁ ଖାଇବାକୁ ଗଲା । ପଥର ଭଳିଆ ଟାଣ ଜଣା ପଡିଲା । ବିଲୁଆ କହିଲା – ଆରେ ତମେ ତ ବହୁତ ଟାଣ ।




କୁଲୁ ଗାମଃ – ଲାଃ ଆମ୍ ଇଙ୍ଗ୍ ତେ ବନ୍ଧ୍ତେ ବତ୍ରାଏ ଗଡେ । ଇଙ୍ଗ୍ ବତ୍ରେ ନାଏଙ୍ଗ୍ ଲାଃ ନଗମ୍ । ଡୁରୁ କୁଲୁ ତେ ଡାଃ ଏକର୍ ଡଥଃ ର ବତ୍ରାଏ କଲା ଡକସିଗ୍ । ତାୟ ........

କଇଁଛ କହିଲା – ତା ହେଲେ ତମେ ମତେ ଗାଡିଆରେ ନେଇ ବତୁରାଇ ଦିଅ । ମୁଁ ବତୁରି ଗଲେ ଖାଇବ । ଗଧିଆ ପାଣିପାଖକୁ ନେଇ କଇଁଛକୁ ପାଣିରେ ପକାଇ ବସିଛି । ତା ପରେ ..........



# ଲେରାଙ୍ଗ୍ ର ବେଡ଼
# (ଚନ୍ଦ୍ର ଓ ସୂର୍ଯ୍ୟ)






ସେଙ୍ ଲେରାଙ୍ ଅଡ଼ଃ ବେଡ଼ଆଃ, କିଃତେନା କିତେ କୁଣ୍ଡୁଃ ଆକିମେନ୍ । ମୁସ୍‌ନିଙ୍ ଆଃ କାୟମ୍ । ଲେରାଙ୍ ଆଡ଼ିୟା କୁଣ୍ଡୁଃ କିତେ ଅବ୍‌ଲେଡ୍ ଗଥଃ । ମୁଣା ତାୟ୍ ଢୁଲ୍‌ନା ପଡବ୍ ଅଲ୍ କଲା ଭାଃପୁୟଃ । ଲେରାଙ୍ ପଡବ୍ ନଃ ଖାନ୍‌ତେ ଭେରେ ବେଡ଼୍ ହବୁଙ୍ ଡାମ୍‌କି । ବେଡ଼୍ ଗାମଃ ଇ ନଃତମ୍ ବହେନ୍ ? ଲେରାଙ୍ ଗାମଃ - ଇଙ୍ଗାଃ କୁଣ୍ଡୁଃ କି ଝାକିବେରେ କଲ୍‌କେନ୍ଦାର୍ ତାକି । ହଆଃଥମ୍ ଆଡ୍‌କି ତେ ମଢ଼େ ଗଥେକ୍ ର ଭାଃପୁ କଲା ନଃତାଏଗ୍ ଜିଙ୍ । ଆମ୍ ନଗମ୍‌ଲାଃ ହନ୍ ।

ଚନ୍ଦ୍ର ଓ ସୂର୍ଯ୍ୟ ଦୁଇ ଭଉଣୀ ଥିଲେ । ସେମାନଙ୍କର (ଆଗକାଳରେ ଚନ୍ଦ୍ର ଓ ସୂର୍ଯ୍ୟଙ୍କର) ଅନେକ ଗୁଡିଏ ପିଲାପିଲି ଥିଲେ । ଦିନକର କଥା - ଚନ୍ଦ୍ର ତାର ଛୁଆ ମାନଙ୍କୁ ଲୁଚାଇ ଦେଲା । ପୋଖରୀରୁ କଇଁ କନ୍ଦା ଆଣି ସିଝାଇଲା । ଚନ୍ଦ୍ର କନ୍ଦା ଖାଉଥିବା ବେଳେ ସୂର୍ଯ୍ୟ ଆସି ପହଞ୍ଚି ଗଲା । ସୂର୍ଯ୍ୟ କହିଲା କ'ଣ ଖାଉଛ ଭଉଣୀ ? ଚନ୍ଦ୍ର କହିଲା - ମୋର ଛୁଆମାନେ ସବୁବେଳେ କଳି କଜିଆ କରୁଛନ୍ତି । ତେଣୁ ସେମାନଙ୍କୁ ମାରି ପକାଇ ସିଝେଇ କରି ଖାଉଛି । ତମେ ଖାଇବ, ତେବେ ନିଅ ।


**ବେଡ ପଡବ୍ ନଃଖ, ବଡ଼ା ସେବୁଲ୍ ଲାଃକି । ବେଡ଼୍ ମନେ ମନ ଭାବେଅଃ ଇଙ୍ଗ୍ ଜ ଇଙ୍ଗାଃ କୁଣ୍ଟୁଃ କିତେ ଉଘାଏ ବାଇଙ୍ଗ୍ । ହତାଏ ବେଡ଼୍ ଅଃ ବୁଙ୍ଗ୍ ସାନ୍କି । ଝାକି କୁଣ୍ଟୁଃ କିତେ ରେମାଖଃ । କୁଣ୍ଟୁଃ କିତେ ମଡ଼େ୍କରି ତାର୍ ଗଥଃ ର ଭାଃପୁ କଲା ନଃଖଃ । ଇଚିଃ ଜ ସେବୁଲ୍ ଉମ୍ ଲାଃକି । ହତାଏ ବେଡ଼୍ ଲେରାଙ୍ଗ୍ ତେ କିଃତେନା କିଃତେ ଖିସାଏ ଗଃକି । ଆଡ଼୍ତେ ମୁରୁକ୍ ହଡ଼ମ୍ ହଡ଼ମ୍ ଭାଷାତେ କଲେକ୍କି ର ସାଏପ୍ ତେରଃ । ଆମ୍ ପନ୍ଦ୍ରଦିନ ଗୋଏଗ୍ ନାମ ର ପନ୍ଦ୍ରଦିନ୍ ବରଲ୍ନାମ । ହ ଦିନତାଏ ଲେରାଙ୍ଗ୍ ପନ୍ଦ୍ର ଦିନ୍ ଗୋଏଗ୍ ତା ର ପନ୍ଦ୍ରଦିନ୍ ବରଲ୍ତା ।**

ସୂର୍ଯ୍ୟ କନ୍ଦା ଖାଇଲା । ବଡ ମିଠା ଲାଗିଲା । ସୂର୍ଯ୍ୟ ମନେ ମନେ ଭାବିଲା ମୁଁ ମଧ୍ୟ ଏମିତି କରିବି । ତା'ପରେ ସୂର୍ଯ୍ୟ ଘରକୁ ଯାଇ ସବୁ ଛୁଆଙ୍କୁ ଡାକି ମାରିଦେଲା ଏବଂ ସିଝେଇ ଖାଇଲା କିନ୍ତୁ ମିଠା ଲାଗିଲା ନାହିଁ । ଚନ୍ଦ୍ର ଉପରକୁ ଭୀଷଣ ରାଗିଗଲା । ଚନ୍ଦ୍ର ସୂର୍ଯ୍ୟଙ୍କୁ ଠକି ଦେବାରୁ ବିଭିନ୍ନ ଭାଷାରେ ଗାଳି ଦେଲା । ମୁଁ ତତେ ଅଭିଶାପ ଦେଉଛି - ତୁ ଏକ ପକ୍ଷ ମରିବୁ ଓ ଏକ ପକ୍ଷ ବଞ୍ଚିବୁ । ସେହି ଦିନଠାରୁ ଚନ୍ଦ୍ର ଏକ ପକ୍ଷ ବଞ୍ଚେ ଓ ଏକ ପକ୍ଷ ମରେ ।

ଘରକୁ ଯାଇ ସବୁ ଛୁଆଙ୍କୁ ଡାକି ମାରିଦେଲା ଏବଂ ସିଝେଇ ଖାଇଲା କିନ୍ତୁ ମିଠା ଲାଗିଲା ନାହିଁ । ଚନ୍ଦ୍ର ଉପରକୁ ଭୀଷଣ ରାଗିଗଲା । ଚନ୍ଦ୍ର ସୂର୍ଯ୍ୟଙ୍କୁ ଠକି ଦେବାରୁ ବିଭିନ୍ନ ଭାଷାରେ ଗାଳି ଦେଲା । ମୁଁ ତତେ ଅଭିଶାପ ଦେଉଛି - ତୁ ଏକ ପକ୍ଷ ମରିବୁ ଓ ଏକ ପକ୍ଷ ବଞ୍ଚିବୁ । ସେହି ଦିନଠାରୁ ଚନ୍ଦ୍ର ଏକ ପକ୍ଷ ବଞ୍ଚେ ଓ ଏକ ପକ୍ଷ ମରେ ।



# ଜାଙ୍କର (ଫଗୁନ)





ଫଗୁନ୍ ଲେରାଙ୍ଗ୍ ଆଃ କାୟମ୍ । କାୟାର୍ ଗୁଣି (ଜାଙ୍କର୍) ନଃ ନଃ ଡେଲ୍କି ଖାଡ଼ିଆ କିଆଃ ମୁଇଙ୍ଗ୍ ମାହା ତିହାର୍ । ଫଗୁନ୍ ଲେରାଙ୍ଗ୍ ତାୟ୍ ଲେବୁକି କାୟାର୍ ଗୁଣି (ଜାଙ୍କର୍) ନଃନାଃଥମ୍ ସୁରୁ ବାଏ ତେକି । ନିଜର୍ ନିଜର୍ ସୁବିଧା ଜୟ୍ କରି ଆଡ଼୍କି ଉ ତିହାର୍ ମାନାୟ୍ ତେକି । କାୟାର୍ ଗୁଣି ନଃନାଃଥମ୍ ଲେବୁକି ଆଘ୍ଲି କେଲ୍କେ ଆଃ କାଲୋ ତେ ହୋଏଲ୍ ତାର୍ନା ଗାମ୍ତେକି । ହୋଏଲ୍ ତାର୍ନା ଦିନ କାଲୋ ଉପାସ୍ ରହେସିଃତା । ବେଡ ବିଣିବ୍ କିଲାଃ ଉ ପୂଜା ସୁରୁ ହଏତା । କେବଲ୍ ମର୍ଦକି ଉ ପୂଜା ତେ ଭାଗ୍ ଡଟ୍ ତେକି । ପାଡାଃ ଲେବୁକି ରାଗାୟ ଝାଁଃଟ ର ଜେପୁଙ୍ଗ୍ ଡଟ୍ କରି ମୁଇଙ୍ଗ୍ କୁମ୍ଭା ତିଆର୍ ବାଏ ତେକି । ଆଡିଆଃ ଭିଃତାର୍ତେ ମୁଇଙ୍ଗ୍ ଦୁଇ ଜାକ୍ନା ବରଲ୍ ସେମ୍ଡ଼ି ଦାରୁ ତିଲ୍ତେକି । ଉ ଦିନ ପାଡା କେଲ୍କେ ଆଃ ଝାକି ପୋ, ପର୍ଜା, ଧୂପ, ସଏଲ୍ତା, ନଡିଆ, କମ୍ସର୍ ରୁମ୍କୁବ୍ଡାଃ, ଯୁଗାର୍, ଧଃତେ କରି ଡେଲ୍ତାକି । କାଲୋ ପୂଜା ସାମାନ୍ ଆଡ଼ି ନିଜେ ଅଲ୍ଗା ତିଆର୍ ବାଏକରି ଉନସିଃତେ । ଆଡ଼ିଆଃ ଭିଃତାର୍ତାୟ୍ ଧୂପ, ଝୁନା, ସଏଲ୍ତା, କମ୍ସର୍ ରୁମ୍କୁବ୍, ନଡିଆ, ଆରଖି, ଗଞ୍ଜେ, ସେନ୍ଦୁର୍, ଲାଃଗ୍ଃ (ଫୁଲ), କାଦୋ, ମୁରୁନ୍, ମୁରୁନ୍କୁଇଚ୍, ଫଗୁ, ଫାଡ୍ସା ଲାଃଗ୍ଃ (ଫୁଲ), ଗଡୁ ଡାଃ ଧଃତେକରି ଡେଲ୍ସିଃତା ।

ଫଗୁଣ ମାସରେ ଆମ୍ବ ବଉଳ ଖିଆ ଡେଲକି ଖଡିଆ ମାନଙ୍କର ଏକ ମୁଖ୍ୟ ପର୍ବ । ଫଗୁଣ ମାସଠାରୁ ଲୋକମାନେ ଆମ୍ବ ବଉଳ ଖାଇବାକୁ ଆରମ୍ଭ କରନ୍ତି । ନିଜ ନିଜ ସୁବିଧା ଦେଖି ସେମାନେ ଏହି ପର୍ବ ପାଳନ କରନ୍ତି । ଆମ୍ବ ବଉଳ ଖାଇବା ପାଇଁ ପ୍ରଥମେ ଲୋକମାନେ ଗାଁର କାଲୋଙ୍କୁ ହୋଏଲ ମାରିବା ପାଇଁ କହିଥାନ୍ତି । ହୋଏଲ ମାରିବା ଦିନ କାଲୋ ଉପବାସ ରହିଥାଏ । ସନ୍ଧ୍ୟା ସମୟରେ ଏହି ପୂଜା ଆରମ୍ଭ ହୁଏ । କେବଳ ପୁରୁଷମାନେ ଏହି ପୂଜାରେ ଭାଗ ନିଅନ୍ତି । ଗାଁ ଲୋକମାନେ ସୁଖିଲା ଝାଁଟି ପାଳନେଇ ଏକ ଛୋଟ କୁମ୍ଭା ତିଆରି କରନ୍ତି । ତା' ଭିତରେ ଗୋଟିଏ କଞ୍ଚା ଶିମୁଳି ଶାଖାଟିଏ (ଖମ୍ବପରି) ପୋତାଯାଏ । ଏହି ଦିନ ଗାଁର ସମସ୍ତ ପୁଅ ପରଜା ଧୂପ, ସଳିତା, ନଡିଆ, ଅରୁଆ ଚାଉଳ, ଯୁଗାର ଧରି ଆସିଥାନ୍ତି । କାଲୋ ପୂଜା ସାମଗ୍ରୀ ସେ ନିଜେ ଅଲଗା ତିଆରି କରି ରଖିଥାଏ । ତା' ଭିତରୁ ଧୂପ, ଝୁଣା, ସଳିତା, ଅରୁଆ ଚାଉଳ, ନଡିଆ, ମଦ, ଗଞ୍ଜେଇ, ସିନ୍ଦୁର, ଫୁଲ, କାଦୁଅ, ମହୁଲ କୁଞ୍ଚି, ଫଗୁ, ଫଳସା ଫୁଲ, ଗଡୁ ପାଣି ନେଇକି ଆସିଥାଏ ।

ପୂଜାନା ଭେରେ ପୁରୁବ୍‌ତିଗ୍ ମୁଗୁମ୍ କରି ଡକତା । ଆଡ୍‌ତେ ସାହେଜ୍ ବାଏନାଃ ଥମ୍ ମୁଡୁତେ ସରି ଡଟ୍ ସିଃତେ । କେଲ୍‌କେ (ଦୋବାଟୀ) ଡେମୁଲ୍ ତେ ଆତ୍ ଆତ୍ ଦେବୀଦେପ୍‌ତାତେ ପୂଜା ବାଏତେକି ଆଡ଼୍‌କିତେ ଆଡ଼ି ପୂଜା ବାଏତେ । ପୂଜାତେ ଝାକି ଦେବୀ ଦେପ୍‌ତାକିତେ ତମ୍‌ନେ ଲକ୍ସୁ, ଲାଗ୍‌ଃ, କାୟାର୍, ମୁରୁନ୍, ସାର୍‌ଗିଆ ଲାଗ୍‌ଃ (ଫୁଲ), ତାରାବ୍, ଫାଡ୍‌ସା ଲାଗ୍‌ଃ, ତେର୍‌କଲା ପୂଜା ବାଏତେକି । ହକ୍‌ଡ଼ାଃ ଛାଡ଼ା ଆର୍‌ଖି, ଗଞ୍ଜେଇର ପାଡ଼ାଃ ଲେବୁକି ଇଘାୟ୍ ସୁଖ୍ ସୁବିଧାତେ ରହେ ନାକି, କସୁ ରାଙ୍ଗା ଉମ୍ ହଏନା ଉଜେଃ ଅବ୍‌ଅଣ୍ଡର୍‌ତେ । ମୁରୁନ୍ ମୁଇଙ୍ ଆଦିବାସୀ କିଆଃ ବଡ଼େ ମାହା ପଏସା ହଏନା ଜିନିଷ୍ ହାଏ । ହଆଃଥମ୍ ମୁରୁନ୍ ଅଏତ୍‌କାଗୁର୍‌ନା ଗାମ୍ କରି ଦେବୀଦେପ୍‌ତାକିତେ ଗୁହାଏର୍ ଅବ୍ କଙ୍ଗ୍‌ତେ । ପୂଜା ପାଟ୍ ବଙ୍କିଲାଃ ନଡିଆ ପାଃକରି କାଦୋତେ (ତବଡ଼ା) ମୁରୁନ୍‌କୁଇଚ୍ ତେନ୍ କରି ବାହରି ମୁଃ ଡେଲ୍‌ତା । ମୁଃ ଡେଲ୍‌ତା ତାୟ୍ ରାଗାୟ ଝାଃଟତେ ବାଏସିଃ ତେକି କୁମ୍ଭାତେ ତିମ୍‌ସମ୍ ଅବ୍‌ଧଃତେ ଗଃତେ କି । ଉଜେଃ ହୁଦ୍‌ହୁଦ୍ ହଏ କରି ତେମୁତା । ହୁଦ୍‌ହୁଦ୍ ହଏକଲା ତେମୁଖାନା ବେଡ଼ାତେ କାଲୋ ବାଲୁଆ ଧଃତେ କରି ସେମ୍‌ଡ଼ି ଦାରୁ ତେ ମୁଇଙ୍ ଚୋଟ୍ ତେର୍ କଲା ବାହ୍‌ରି ଯାର୍‌ତେ ।

ପୂଜା କରିବା ସମୟରେ କାଲୋ ପୂର୍ବ ଦିଗକୁ ମୁଖ କରି ପୂଜା କରିବା ଆରମ୍ଭ କରେ । ତାକୁ ସାହାଯ୍ୟ କରିବା ପାଇଁ ଜଣକୁ ସେ ନେଇଥାଏ । ଗାଁ ଦୋମୁଁହାଣିରେ ଯେଉଁ ଯେଉଁ ଦେବାଦେବୀଙ୍କୁ ପୂଜା କରାଯାଏ, ସେମାନଙ୍କୁ ସେ ପୂଜା କରେ । ପୂଜାରେ ସମସ୍ତ ଦେବାଦେବୀଙ୍କୁ ନୂଆ ଫଳଫୁଲ, ଆମ୍ବ, ମହୁଲ, ଶାଳଫୁଲ, ଚାର, ଫଳସା ଫୁଲ ଦେଇ ପୂଜା କରାଯାଏ । ତା' ଛଡା ମଦ, ଗଞ୍ଜେଇ ଏବଂ ଗାଁ ଲୋକମାନେ କିପରି ସୁଖ ସୁବିଧାରେ ରହିବେ, ରୋଗ ବୈରାଗ୍ୟ ନ ହେବ ଏହା ଗୁହାରି ଜଣାଇଥାଏ । ମହୁଲ ଏକ ଆଦିବାସୀ ମାନଙ୍କର ମୁଖ୍ୟ ଅର୍ଥକାରୀ ଫସଲ । ତେଣୁ ମହୁଲ ଅଧିକ ହେଉ ବୋଲି ଦେବଦେବୀଙ୍କୁ ଗୁହାରୀ ଜଣାଇଥାଏ । ପୂଜା ପାଠ ଶେଷ ହେଲେ ନଡ଼ିଆ ବାଡେଇ କାଦୁଅରେ ରଖିଥିବା ମହୁଲ କୁଞ୍ଚିକୁ ପାଦରେ ଦଳି ମହୁଲ କାଲୋ ବାହାରକୁ ବାହାରି ଆସେ । ବାହାରିବା ପରେ ସେହି ଝାଁଟି ମାଟିରେ ତିଆରି ଘରକୁ ଅଗ୍ନି ସଂଯୋଗ କରାଯାଏ । ଫଳରେ ଏହା ହୁତ୍ ହୁତ୍ ହୋଇ ଜଳିଉଠେ । ହୁତ୍ ହୁତ୍ ହୋଇ ଜଳୁଥିବା ସମୟରେ ଫାର୍‌ସା ଧରି କାଲୋ ସେହି ଶିମୁଳି ଗଛକୁ ଗୋଟିଏ ଚୋଟ ପକାଇ ବାହାରକୁ ଚାଲିଯାଏ ।





**ମୁଃନା ବେଡ଼ାତେ ମୁଇଙ୍ ଲେବୁ ତେମୁଖାନ୍ନା ତିମ୍ସମ୍ତେ ପୁରୁବ୍, ପଛିମ୍, ଉତ୍ତର୍, ଦକ୍ଷିନ୍ ଚାଏର୍ କନା ଖାବ୍ଡାତେ । ଉକ୍ଡ଼ାଃ କାମୁ ଉଜେଃହାଏ - ଅଶୁବ୍ ଜିନିଷ୍ କି ତିମ୍ସମ୍ ଆଃ ଝାଏଞ୍ତେ ଡେଲ୍କରି ଗେବ୍ କରି ଖାରାମ୍ ହଏ ଗଃନାକି । ପାଡ଼ା କେଲ୍କେ ବୁଙ୍ ଇହିଜ ଅଶୁବ୍ ଡିଆର୍ କରି ବେରାଃଜ ନକ୍ସାନ୍ ଉମ୍ ହଏ ଗୁଡୁଃ । ତିମ୍ସମ୍ ହୁଲା ଖାବ୍ଡ଼ାନା ଭେରେ କାଲୋତେ ନାନା ରକମ୍ ଆଃ ଭଣ୍ ବିଷର୍ କାୟମ୍ ଗାମ୍ତେ କି । ଉ ଝାକି ବଙ୍କିଲାଃ କାଲୋ ଚୋଟ୍ ତାର୍ସିଃତେ ସେମ୍ଡି ଦାରୁତେ ଝାକିଗା ଖଣ୍ ଖଣ୍ କରି ନିଜର୍ ନିଜର୍ ଅଃବୁଙ୍ ଡଡ୍ ତେକି ର ଗହାଡ଼୍ତେ ସଃ ଗଃତେକି । ଉକ୍ଡ଼ାଃ କାମୁ ହାଏ - ଅରେଗ୍ ମେରମ୍ କିଆଃ ଏକର୍ ବୁଙ୍ ଆଥାର୍ କସୁ ରାଙ୍ଗା ଡିଆର୍ କରି ଧଃତେ ନା ଉମ୍ପାଲେ । ହତାଏ ଝାକିଗା ପାର୍ସାଦ୍ନଃ କଲା କାଲୋ ଆଃ ଅଃ ବୁଙ୍ ସାନ୍ତାକି ।**

ବାହାରିବା ସମୟରେ ଜଣେ ଜଳୁଥିବା ନିଆଁକୁ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଚାରି କୋଣକୁ ଫିଙ୍ଗିବ । ଏହାର ଅର୍ଥ ଏହି ଯେ - ଅଶୁଭ ଜିନିଷ ଗୁଡିକ ଅଗ୍ନି ଝାସରେ ଆସି ଧ୍ୱଂସ ହୋଇ ପାଉଁଶ ହୋଇଯିବ । ଗାଁ ଭିତରରେ କୌଣସି ଅମଙ୍ଗଳ କି କାହାରି ଅନିଷ୍ଟ ନ ହେଉ । ନିଆଁ ହୁଳା ଫିଙ୍ଗିବା ସମୟରେ କାଲୋ ନିମନ୍ତେ ନାନା ପ୍ରକାର ଅସଭ୍ୟ ଭାଷା ପ୍ରୟୋଗ କରାଯାଇଥାଏ । ଏହିସବୁ ଶେଷ ହେଲେ କାଲୋ ଚୋଟ ପକାଇଥିବା ଶିମୁଳି ଗଛକୁ ସମସ୍ତେ ଖଣ୍ଡ ଖଣ୍ଡ କରି ନିଜ ନିଜ ଘରକୁ ନିଅନ୍ତି ଓ ଗୁହାଳରେ ଖୋସି ଦିଅନ୍ତି । ଏହାର କାରଣ - ଗାଈ ବଳଦପାଖକୁ କୌଣସି ରୋଗ ପଶି ଆକ୍ରମଣ କରିପାରିବ ନାହିଁ । ତା'ପରେ ସମସ୍ତେ ପ୍ରସାଦଖାଇ କାଲୋ ଘରକୁ ଯାଆନ୍ତି ।

**କାଲୋ ଝାକିଆଃ କାଟା ଗୁଜୁଙ୍ କରି ଅଃତେ ଡବ୍‌କ କରି ଝାରା ଉଡ୍‌ନା ତେର୍‌ତେ । ଅଡ଼ଃ ଦିନତାୟ୍ ଲେବୁକି ଜାଙ୍କର (କାୟର୍ ଗୁଣି) ନଃନା ସୁରୁ ବାଏତେକି । ତିହାର୍ ମାନାଏ ନାଃ ଆଘ୍‌ଲି ଦିନତାୟ୍ ଅଗାଃ ମୁଆଁର ଉପାସ୍ ରହେସିଃତା । ଅଃ ଦୁଆର୍ ସେଙ୍‌ତାୟ୍ ତାପିଗ୍ ଗସଃ କଲା ସୁନ୍ଦର ବାଏସିଃତେକି । ମିଆଁଃବେଡ଼ାତାଏ ଉଆଃ ପାଲ୍‌କରି ବିହାଡମ୍ ସିଃନା ଲେବୁକି କୋଷଡାଃ ଉଡ୍‌କରି ନିଜର୍ ନିଜର୍ ପୂଜା ସାରାଜାମ୍‌ତେ ଲାଃ ଗଃତାକି । ଅଗାଃ ମୁଆଁର୍ ଆଡ଼ାୟ୍‌ତାୟ୍ କାୟର୍ ଲାଃଗ୍ଃ (ଫୁଲ), ଲକ୍ତୁ, ତାରାବ୍ ଲକ୍ତୁ, ଲାଃଗ୍ଃ (ଫୁଲ), ସାର୍‌ଗିଆ ଫୁଲ, ମୁରୁନ୍, କୁଇଁଚ୍, ଲିମ ଲାଃରାଃ, ଫାଡ୍‌ସା ଲାଃରାଃ, ଉ ଉ କି ଅଲ୍‌କରି ଦେବୀଦେପ୍‌ତା କିତେ ସମ୍ପେତେ । ଝାକି ଜିନିଷ୍ ଦେବୀଦେପ୍‌ତା କିତେ ସଁପେକରି ଅଗାଃ ଝାକିଗା ମୁଇଙ୍ ଠାଣ୍‌ତେ ଡକ କରି ପାର୍‌ସାଦନଃତେକି ର ଝାକିଗା କନ୍‌ହନ୍ ତାୟ୍ ମାହା ଜୁହାର୍ ଝାକାର୍ ତାକି ।**

କାଲୋ ସମସ୍ତଙ୍କ ଗୋଡଧୋଇ ଘରେ ବସାଇ ହାଣ୍ଡିଆ ପିଇବାକୁ ଦିଏ । ପରଦିନଠାରୁ ଲୋକମାନେ ଆମ୍ବ ବଉଳ ଖାଇବା ଆରମ୍ଭ କରନ୍ତି । ପର୍ବ ପାଳନ ପୂର୍ବରୁ ଘରର ମୁଖିଆ ଉପବାସ ରହିଥାଏ । ଘରଦ୍ୱାର ପୂର୍ବରୁ ଲିପା ପୋଛା ହୋଇ ସୁନ୍ଦର କରାଯାଇଥାଏ । ସକାଳୁ ଗାଧୁଆ ସାରି ବିବାହିତାମାନେ କୋଷପାଣି ପିଇ ସମସ୍ତେ ନିଜ ନିଜ କାର୍ଯ୍ୟରେ ଲାଗିଯାଇଥା'ନ୍ତି । ଘରର ମୁଖିଆ ଜଙ୍ଗଲରୁ ଆମ୍ବ ବଉଳ, ଫଳ, ଚାର ଫଳ-ଫୁଲ, ମହୁଳ କୁଞ୍ଚି, ନିମ୍ବଫୁଲ, ଫଳସା ଫୁଲ ଇତ୍ୟାଦି ଆଣି ଦେବଦେବୀଙ୍କୁ ଅର୍ପଣ କରେ । ସମସ୍ତ ଜିନିଷ ଦେବଦେବୀଙ୍କୁ ଅର୍ପଣ କରି ସପରିବାର ଗୋଟିଏ ଜାଗାରେ ବସି ପ୍ରସାଦସେବନ କରନ୍ତି ଏବଂ ସମସ୍ତେ ଛୋଟ ଠାରୁ ବଡ ପର୍ଯ୍ୟନ୍ତ ନମସ୍କାର ହୁଅନ୍ତି ।

# ଶମ୍ଭୁ ର ଡକାଇରାନି
# (ଶମ୍ଭୁରାଜା ଓ ଡକାଇରାଣୀ)





ସତ୍ଯୁଗ୍ ଆଃ କାୟମ୍ । ମେସନ୍ ମାହାପୁରୁ ଲେବୁ ବାୟ୍ନାଃଥମ୍ ମନ୍ ବାୟଃ କିଆର୍ । ହତାଏ ଆଡ୍କିଆର୍ କାନ୍ହାର୍ ଲଃଖାବୁଙ୍ଗ୍ ଲେବୁବାୟଃ କିଆର୍ । ଭାବେ ଅଃ କିଆର୍ ଇଚିଃ କସର୍ ଗଃ କିଲା ଜୀବନ୍ଦାନ୍ ତେରିଙ୍ଗ୍ । ଲାଃ ଉ ଲଃଖାଃ ଲେବୁତେ ରାକସ୍ ମୁଇଙ୍ଗ୍ ଡେଲ୍ତା ର ଧଁସକାୟ୍ ଗଃତେ । ଉଖଃ ଘାଏ ମାହାଁପୁରୁ ଅଡଃ ଲେବୁ ବାୟତେ କିଆର୍ । ଲାଃ ରାକସ୍ ହକାଡ୍ ତେ ଧଁସ୍କାୟ୍ ଗଃତେ । ମୁସନିଙ୍ଗ୍ ମାହାଁପୁରୁ ଲେବୁବାୟଃ କିଆର୍ ର ଲେଡ୍ କରି ଜୟଃ କିଆର୍ । ରାକସ୍ ମୁଇଙ୍ଗ୍ ଡେଲ୍ତାଏଗ୍ ଧଁସକାଏ ନାଃଥମ୍ । ଉ ବେଡ୍ାତେ ମାହାଁପୁରୁ ଝଟ୍ ଗା ହକାଡ୍ ତେ ଜୀବନ୍ଦାନ୍ ତେର୍ଗଥଃ କିଆର୍ । ରାକସ୍ ହ ଲେବୁତେ ତାର୍ନାଉମ୍ ପାଲଃ ।

ସତ୍ୟ ଯୁଗର କଥା । ଥରେ ଭଗବାନ ଲୋକ ତିଆରି କରିବା ପାଇଁ ଚିନ୍ତା କଲେ । ତାପରେ ସେ ଚିକିଟା ମାଟିରେ ମଣିଷ ତିଆରି କଲେ । ଟିକିଏ ଶୁଖିଗଲେ ପରେ ଜୀବଦାନ ଦେବେ । ହେଲେ ଏହି ମାଟିର ମଣିଷକୁ ରାକ୍ଷସଟିଏ ଆସି ଉଜାଡି ଦିଏ । ଏହି ପରି ଥରକୁ ଥର ଉଜାଡି ଦେଲା ପରେ ଦିନେ ତିଆରି କଲାପରେ ମହାପ୍ରଭୁ ଲୁଚି ଲୁଚି ଦେଖିଲେ, ରାକ୍ଷସଟି ଆସୁଛି ଉଜାଡିବାକୁ । କାଳ ବିଳମ୍ବ ନକରି ଶୀଘ୍ର ତହିଁରେ ଜୀବଦାନ ଦେଇଦେଲେ । ରାକ୍ଷସ ମଣିଷକୁ ମାରି ପାରିଲା ନାହିଁ ।

ହେନ୍‌ତାଏ ମାହାପୁରୁ ବେଟୀ ମୁଇଙ୍ ଜ ବାୟଃକିଆର୍ ର ଜୀବନ୍‌ଦାନ୍ ତେରଃ କିଆର୍ । ରାକସ୍ ହ ଲେବୁତେ ତାର୍‌ନାଉମ୍ ପାଲଃ । ହେନ୍‌ତାଏ ମାହାପୁରୁ ବେଟୀ ମୁଇଙ୍ ଜ ବାୟକିଆର୍ ର ଜୀବନ୍‌ଦାନ୍ ତେରଃ କିଆର୍ । ଲଃଡ୍ କିଃତେ ମେମନ୍ତେ ମାହାପୁରୁ ହ ବାରିଆତେ ବିହା ବାୟଗଥିଃ କିଆର୍ । ଉଖଃ ଘାଏ ହ ବାରିଆଃ କୁଣ୍ଡୁଃଲୁତୁର୍ ହଏକି ମେନ୍ ର ଖୋବ୍ ବଢେ ଗଃ କି ମେନ୍ । ହ ଭିଃତାର୍‌ତାୟ୍ ମୁଇଙ୍ ରାଜା ଆକି । ଆଡିଆ ନିମି ଶମ୍ଭୁ ର ରାନୀଆଃ ନିମି ଡକାଇରାନୀ ଆକି । ଲେବୁ କି ଉମେ ବଢେ ଗଃକି ମେନ୍ ଯେ ବେର୍‌ଜ ବେର୍‌ତେ ଜ ଉମ୍ ମାନେ ଅଃ କି । ମାହାଁପୁରୁ ଆଃ କାୟମ୍ ତେଜ ଉମ୍ ମାନେ ଅଃ କି । ଅତିଆଚାର୍ ବଢେ ଗଃ କି । ମାହାପୁରୁ ଉଯେଃ ଜୟ୍‌କଲା ଖିସାଏ ଗଃ କି କିଆର୍ । ଖୋବ୍ ଗା ଡାଃ ଅବ୍‌ଗିମଃକିଆର୍ । ଝାକି ହେନ୍‌ତି ଗ୍ ଡାଃ ର ଡାଃ । ଲେବୁ କି ଗୋଏଗ୍ ଗଃ କି ମେନ୍ । ରାଜାର ରାନୀ ମୁଇଙ୍ ଜାରାଃ ଦାରୁଆଃ ଡର୍‌ରୋ ତେ ଡିଆର୍ କରି ଜୀବନ ବାଞ୍ଚାୟଃ କିଆର୍ । ହତେ ମୁଇଙ୍ କୁଆଃ କନ୍ତେଡ୍ ଜ ଆକି । ଆଡି ଲଃଡ୍ ରାଜାଃ ଭାଣାରୀ ହଏକି ।

ତା ପରେ ଭଗବାନ ଝିଅଟିଏ ତିଆରି କଲେ ଓ ଜୀବଦାନ ଦେଲେ । କିଛି ବର୍ଷ ପରେ ଦୁହିଁ ଜଣଙ୍କୁ ବିବାହ କରିଦେଲେ । ପିଲା ଛୁଆ ଜନ୍ମହୋଇ ବହୁ ସଂଖ୍ୟାରେ ବଢିଗଲେ । ତା ମଧ୍ୟରୁ ଜଣେ ରାଜା ଥିଲେ । ତାଙ୍କର ନାମ ସମ୍ଭୁ ଓ ରାଣୀଙ୍କ ନାମ ଥିଲା ଡକାଇରାଣୀ । ଲୋକ ସଂଖ୍ୟା ଏତେ ବଢି ଗଲା ଯେ କାହାକୁ ମାନିଲେ ନାହିଁ । ଅତ୍ୟାଚାର ବଢି ଚାଲିଲା । ଭଗବାନ ଏହା ଦେଖି ରାଗିଗଲେ । ବହୁତ ବର୍ଷା କରାଇଲେ । ଚାରି ଆଡେ ଖାଲି ପାଣି । ବହୁତ ଲୋକ ମରିଗଲେ । ରାଜା ଓ ରାଣୀ ଗୋଟିଏ ପିପଲି ଗଛ କୋରଡ଼ରେ ପଶି ଜୀବନ ବଞ୍ଚାଇଲେ । ସେଠାରେ ଗୋଟିଏ କାଉ ଚଢେଇ ମଧ୍ୟ ଥିଲା । ପରେ ସେ ରାଜାଙ୍କର ଭଣ୍ଡାରୀ ହେଲା ।

ମାହାପୁରୁ ରାଜା ର ରାନୀ ତେ ନଃନା ର ବାଞ୍ଚେନାଃଥମ୍ ମୁଇଙ୍ ଷଣ୍ ଅରେଗ୍ ର ମୁଇଙ୍ କିତାଙ୍ ଅରେଗ୍ ତେରଃ କିଆର୍ । ଷଁଣଆଃ ନିମି ବିଶାଲର କିତାଙ୍ ଆଃ ନିମି ବଇଶାଳୀ ଆକି । ହ କିଆର୍ ଆଃ ଗାଏ ବାଛୁର୍ ହଏକି ମେନ୍ । ଲେବୁ କି ଗାଏ ଅରେଗ୍ କିତେ ବୁୟଃ କି ର ଆଡ୍‌କି ଆଡ୍‌କିଆଃ ତମ୍‌ଲେଙ୍ ଖିର୍‌ସା ର ଘି ତେ ନଃ କରି ବରଲ୍ କି ମେନ୍ । ଗାୟ୍ ଅରେଗ୍ ଉମେ ବଢେ ଗଃକି ମେନ୍ ଯେ ଘୁପାନାଃଥମ୍ ଠାଣ୍‌ଅ ଲାମ୍‌ନା ଲାଃ କି ମେନ୍ । ଆତିଗ୍ ଆତିଗ୍ ଘାଁସ ଜୟଃ କି ହତିଗ୍ ହତିଗ୍ ଗାୟ୍ ଅରେଗ୍ କିତେ ଡଟଡ୍ ନା ଲାଃ କି ମେନ୍ ।

ଭଗବାନ ରାଜା ଓ ରାଣୀଙ୍କୁ ବଞ୍ଚିବା ପାଇଁ ଗୋଟିଏ ଷଣ୍ଢ, ବଳଦଓ ଗୋଟିଏ ଛଡ଼ା ଗାଈ ଦେଲେ । ଷଣ୍ଢର ନାମ ବିଶାଳ ଓ ଛଡ଼ା ଗାଈର ନାମ ବଇଶାଳୀ ଥିଲା । ଦୁଇ ଜଣଙ୍କର ଗାଈ ବାଛୁରୀ ଜନ୍ମ ହେଲେ । ଲୋକେ ଗାଈକୁ ପାଳନ କଲେ ଓ ସେମାନଙ୍କ ଗୋରସ ଖିରସା ଓ ଘିଅକୁ ଖାଇ ବଞ୍ଚିଲେ । ଗାଈ ବଳଦଏତେ ବଢିଗଲେ ଯେ ଚରାଇବାକୁ ଜାଗା ଖୋଜି ବୁଲିଲେ । ଯେଉଁ ଯେଉଁ ଆଡେ ଘାସ ଦେଖିଲେ ସେଇ ସେଇ ଆଡେ ଗାଈ ବଳଦସବୁ ନେଲେ ।





ମାହାଖିରମ୍ ର ଜୋଡ଼ୁ ଆଃ ଭରତି ଡାଃତେ ପାରନା ଭେରେ ଅରେଗ୍ ଗାୟ୍ କିଆଃ ପାତାତେ ଧଃତେ କରି ପାର ହଏଖାନ୍ତା କି । ହଆଃଥମ୍ ଖାଡିଆ ଲେବୁ କି ଗାୟ୍ ଅରେଗ୍ କିତେ ଖୋବ୍ ମାନେ ତେକି । ଯଧର୍ବି ଆତ୍ ଖାଡ଼ିଆ ଲେବୁ ଗାୟ୍ ଅରେଗ୍ ତେ ଗିଲ ଅବ୍ଗୋଏଗ୍ ଗଥଃଲାଃ ହ ଲେବୁତେ ଜାଏତ୍ ମେଲାଏ ତେକି । ହ ତାୟ୍ ଲେବୁ କି ଖୋବ୍ ବଢେ ଗଃ କିମେନ୍ । ହଡ଼ମ୍ ହଡ଼ମ୍ ଠାଣବୁଙ୍ଗ୍ ସାନ୍ନା ଲାଃ କିମେନ୍ । କାମୁ ନାର ଚଲେନା ବୁଲେନା ହିସାବ୍ ବୁଙ୍ଗ୍ ଖାଡ଼ିଆ କି ଲଃଢ ମୁଡୁଃ, ହାଁସଡ଼ା, ସମାଡ୍, ବାରଲିହା, କିଡଃ, ଚାର୍ହାଡ୍, ସୁରେନ୍ ଉଘାଏ ଅଲ୍ଗା ଅଲ୍ଗା ଦଳ ହଏ ଗଃକିମେନ୍ । ଉ ଦଳ ଯେଃ ଲଃଢ୍ ବଁଶ୍ ହଏକି ।

ବଡ ବଡ ନଦୀ ଓ ନାଳର ଭର୍ତ୍ତି ପାଣିରେ ଲଂଘିବା ବେଳେ ସେମାନଙ୍କ ଲାଞ୍ଜକୁ ଧରି ପାରି ହେଉଥିଲେ । ସେଥିପାଇଁ ଖଡିଆ ଲୋକମାନେ ଗାଈ ବଳଦକୁ ଅଧିକ ସମ୍ମାନ ଦିଅନ୍ତି । ଯଦି କୌଣସି ଖଡ଼ିଆ ଲୋକ ଗାଈ ବଳଦମାରିଦିଏ ତାହେଲେ ସେହି ଲୋକକୁ ଜାତିରୁ ଅନ୍ତର କରାଯାଏ । ତା' ପରେ ଲୋକେ ବହୁତ ବଢ଼ିଗଲେ । ଜାଗା ଅଭାବରୁ ସେମାନେ ଅଲଗା ଅଲଗା ଜାଗାକୁ ଯିବାକୁ ଲାଗିଲେ । କାମ କରିବା ଓ ଚଳିବା ଦୃଷ୍ଟିରୁ ଖଡ଼ିଆ ଲୋକେ ପରେ ସୁରେନ୍, ମୁଡୁ, ହାସଡାଃ, ସମାଟ, ବାର୍ଲିହା, ଛତ୍ରିଆ, ଭିତ୍ରିଆ ଏହିପରି ବିଭିନ୍ନ ଦଳରେ ବିଭକ୍ତ ହେଲେ । ଏହି ସବୁ ଦଳପରେ ବଂଶରେ ପରିଣତ ହେଲେ ।



# ମୁକୁଟ ସରେଙ୍ଗ୍
# (ମୁକୁଟ ଟାଙ୍ଗର)




ଉଜେଃ ବଡ଼ଗାଁ ବଲକ୍ ଆଃ ମୁଇଙ୍ ବୀରୁ । ବୀରୁ ଆଃ ପୂରୁବ ତିଗ୍ ମଚାମରା, କିଞ୍ଜିର୍‌କେଲା ପଛିମ୍ ତିଗ୍ ପାଟୁଆବେଡ଼ା, ବାଁକି, ଉତ୍ତର ତିଗ୍ ମନ୍‌ହର୍‌ପୁର ର ଦଖିନ୍ ତିଗ୍ ସେମେଲ୍‌ବାହାଲ କେଲ୍‌କେ ଆଃଇ । ଖୋବ୍ ଦିନ ଆଃ ତୁତାଃ କାୟମ୍ । ଖାଡ଼ିଆ ଲେବୁ କି ବର୍‌ତିଆ ତାୟ୍ ଏଙ୍ ଖାନ୍‌ତାକି । ଖୋବ୍ ଡିସାଃ ଗାଃ ଥମ୍ ଝାକିଗା ଉ ଠାଣତେ ଇଚିଃ ସୁସ୍‌ତାଏ ନାଃଥମ୍, ଲେରୁନାଃଥମ୍ ବିଚାର୍ ବାୟଃ କି । ହ ଏକର୍ ଆଃ ସଡକ୍ ତରାତେ ମୁଇଙ୍ ପୁଞ୍ଜିପଥର୍ ଗାମ୍ କରି ମୁଇଙ୍ ଠାଣ ଆଃଇ । ମୁଇଙ୍ କେଲ୍‌କେ ତାୟ୍ ଅଡ଼ଃ ମୁଇଙ୍ କେଲ୍‌କେ ସାନ୍‌କିଲାଃ ହ ସଡକ୍‌ତେ ପୁଞ୍ଜିତେର୍‌ନା ଲାଃତା ।

ଏହା ବଡଗାଁ ବ୍ଲକ୍‌ର ଗୋଟିଏ ପାହାଡ । ପାହାଡର ପୂର୍ବଦିଗରେ ମଚାମରା କିଞ୍ଜିରକେଲା ପଶ୍ଚିମ ଦିଗକୁ ପଟୁଆବେଡା, ବାଙ୍କି, ଉତ୍ତର ଦିଗକୁ ମନୋହରପୁର ଓ ଦକ୍ଷିଣ ଦିଗକୁ ସେମେଲବାହାଲ ଗାଁ ଅବସ୍ଥିତ । ବହୁ ଦିନ ତଳର କଥା । ଖଡ଼ିଆ ଲୋକମାନେ ବରାତରୁ ଫେରୁଥିଲେ । ଅଧିକ ବାଟ ହେତୁ ସମସ୍ତେ ଏହି ଯାଗାରେ ବିଶ୍ରାମ ନେବା ପାଇଁ ସ୍ଥିର କଲେ । ସେହି ପାଖ ରାସ୍ତାରେ ଏକ ପୁଞ୍ଜି ପଥର ବୋଲି ଜାଗାଟିଏ । ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଗଲେ ସେହି ରାସ୍ତାରେ ପୁଞ୍ଜି ଦେବାକୁ ପଡେ ।



ପୁଞ୍ଜି ଆଃ ବାବ୍‌ଦେଏକର୍ ତେ ଆନା ଡାଲ, କନ୍‌ହନ୍ ସରେଙ୍ଗ୍ ନଃନା ଜିନିଷ, ଭାଙ୍ଗ୍, ଉ ଝାକି ତେର୍‌କରି ଜୁହାର୍ ବାୟ୍‌ତେ କି । ବିଶ୍ୱାସ୍ ଆଃଇ ଗଏଗ୍‌ଝୁଙ୍ଗ୍ ତେ ସାନ୍‌ନା ଭେରେ ଇହିଜ ଅସୁବିଧା – ଗାଡ଼ିଗାଡ଼ି ଭିଃତାର୍‌ତେ ଲେବୁ ଲେବୁ ଭିଃତାର୍‌ତେ ବଜଡ୍ ଜେନ୍‌ତା ଉମ୍ ହଏନା । ବର୍‌ତିଆ ତାୟ୍ ଏଙ୍ଗ୍ ଖାନ୍‌ନା ଲେବୁ କି ହ ଠାଣତେ ଧଃତେ ସିଃନା ନନଃ ଜିନିଷ କି ନଃଖଃ କି । ଝାରା ଆର୍‌ଖି ଝାକି ହଏକି ଲେକିନ୍ ହତେ ଆକିମେନ୍ ଦେବୀଦେପ୍‌ତା କିତେ ତେର୍‌ନା ଆଡ୍‌କି ଇରିବ୍ ଗଥଃ କି । ଦେବୀ ଦେପ୍‌ତାକି ଉ ଲେବୁ କିଆଃ ଚଲନ୍, ରକମ୍ ଜୟ କଲା ଖୋବ୍ ଖିସାଏ ଗଃକିମେନ୍ । ଆଡ୍‌କି ତେ ନଃନା ଉମ୍ ତେରଃକି ଯେଃ – ଦେବୀଦେପ୍‌ତା କି ମଃ ଖିସାଏନା ନ ମଃ ରାଗମ୍ ନା । ଉମେ ବଁଢିଆ ମୁଇଙ୍ଗ୍ ଆସ୍‌ଥାନ୍ ଠାଣତେ ଝାରା ମାୟାଁ ଉଡ୍ ନଃ କରି କୁଇଗ୍‌ତାଏଗ୍ କି ଲେଙ୍ଗ୍‌ତାଏଗ୍ କି ର ବେର୍ ବାଜା ବୁଃ କରି ବିଗ୍ ଥୁଙ୍କ୍ କରି ଖେଁଖାର ଅବ୍‌ଗୁର୍ କରି ଆସ୍‌ଥାନ୍ ଠାଣତେ ଛୁତୁକ୍ ବାୟ ଗଥଃ କି । କିଃତେ ଝନ୍ ନିଶାଃ ଭୋଲ୍‌ତେ ଇଗ୍ ହାଡା କରି ତେନ୍‌ଏନ୍ ଗଥଃ କି ।

ପୁଞ୍ଜି ବାବଦକୁ ପାଖରେ ଥିବା ଡାଳ ଛୋଟ ପଥର ଖାଇବା ଜିନିଷ ଭାଙ୍ଗ ଇତ୍ୟାଦି ଦେଇ ନମସ୍କାର ହୁଅନ୍ତି । ବିଶ୍ୱାସ ଅଛି ବାଟରେ ଗଲାବେଳେ କୌଣସି ଅସୁବିଧା ଦୈବୀ ଦୁର୍ଘଟଣା ନ ହୁଏ । ବରାତ ଫେରୁଥିବା ଲୋକମାନେ ସେହି ଜାଗାରେ ବସି ଧରିଥିବା ଖାଦ୍ୟ ପଦାର୍ଥ ଖାଇଲେ । ହାଣ୍ଡିଆ, ମଦସବୁ କିଛି ଥିଲା କିନ୍ତୁ ସେଠିକାର ଦେବଦେବୀଙ୍କୁ ଦେବାପାଇଁ ସେମାନେ ଭୁଲିଗଲେ । ଦେବତା ମାନେ ଏହି ଲୋକମାନଙ୍କର ଚଳଣି ଦେଖି ଖୁବ୍ ରାଗିଗଲେ । ପବିତ୍ର ସ୍ଥଳରେ ନିଶାଦ୍ରବ୍ୟ ସେବନ କରି ନାଚଗୀତ କରୁଛନ୍ତି ତ କିଏ ବାଜାବଜାଇ ଛେପ ଖଙ୍କାର ପକାଇ ଜାଗାକୁ ଅପବିତ୍ର କରିଦେଲେ ।





**ଲେବୁ କିଆଃ ଉ ଅବେଭାର୍ ଅଚଳନ୍ ଜୟ କରି ଦେବୀ ଦେପ୍ତା କି ଗାମଃ କି – ହଁରେ କୁଣୁଃକି, ଆମ୍ପେ ଝାରାମାୟାଁ ଉଡ୍ ନଃ କରି ମାହା କନ୍ହନ୍ ଭଲ ଅନ୍ଭଲ୍ ଇହିଜ ଉମ୍ ଜାଣାୟଃପେ, ବୁଃଝିନା ଉମ୍ ପାଲଃପେ । ଇଙ୍ଗାଃ ତଭ୍ଲୁଙ୍ ତେ ଖେଁଖାର୍ ଅବ୍ଗୁର୍ କରି ଇଗ୍ ହାଡ଼ା ଗଥଃପେ । ଆମ୍ପାଃ ଆଘ୍ଲି ପଛ୍ଲି ଭାବ୍ ବିଚାର୍ ମଃଡ଼େଗ୍ । ଉଘାଏ ଖିସ୍ ବୁଙ୍ ରିଗ୍ରିଗାଏ କରି ସାଏପ୍ ତେରଃ କି ଯେ – ଝାକିଗା ସରେଙ୍ଗ୍ ହଏ ଗଃନାପେ । ତମଡ୍ ତାୟ ଯେନ୍ତା କାୟମ୍ ବଙ୍ଗସିଗ୍ ନ ମଃ ର ବର୍ବେଟା କାନିଆଁ ବେଟୀ ଢୋଲ, ବାଜା, ମାନ୍ଦଡ଼ି ର ଯାହା ଯାହା ସାଜୁ ସାରାଜାମ୍ ଲେବୁକି ଝାକି ସରେଙ୍ଗ୍ ହଏ ଗଃକି ମେନ୍ । ବର୍ବେଟା ର କାନିଆଁ ବେଟୀଆଃ ସୁଇ ସୁଇ ମକୁଟ୍ ଝାକି ସରେଙ୍ଗ୍ ହଏ ଗଃକି । ତାମାଯାକର୍ ଉଯେଃ ଦହ୍ ଦହ ଜୟତାଏଗ୍ । ହ ଆଃଥମ୍ ଉ ସରେଙ୍ଗ୍ ତେ ମକୁଟ୍ ସରେଙ୍ଗ୍ ଗାମ୍ କରି ନା ତେର୍ସିଗ୍ କି ।**

କେତେଜଣ ନିଶା ଭୋଳରେ ପରିଶ୍ରାକରି ଦଳି ଚକଟି ଦେଲେ । ଲୋକ ମାନଙ୍କର ଏପରି ଅଭଦ୍ରତା ଦେଖି ଦେବଦେବୀମାନେ କହିଲେ – ହଇରେ ପିଲେ ତୁମେ ନିଶା ପାନ କରି ଛୋଟ ବଡ଼, ଭଲ ମନ୍ଦ କିଛି ଜାଣି ପାରିଲ ନାହିଁ, ବୁଝି ପାରିଲ ନାହିଁ । ମୋ ଉପରେ ଛେପ ପକାଇ ପରିସ୍ରା କରିଦେଲ । ତୁମ ମନରେ ଯାହା ଆସିଲା ତାହା କରିଗଲ । ତୁମର ଆଗ ପଛ ବିଚାର ନାହିଁ । ଏହିପରି ରାଗ ତମ ତମ ହୋଇ ଅଭିଶାପ ଦେଲେ ଯେ – ସମସ୍ତେ ପଥର ହୋଇଯାଅ । ମୁହଁରୁ କଥା ଶେଷ ହୋଇଛି କି ନାହିଁ ବର-କନିଆଁ, ଢୋଲ ମାନ୍ଦଲ, ବିଭିନ୍ନ ବାଦ୍ୟଯନ୍ତ୍ର ଓ ଲୋକମାନେ ପଥର ହୋଇଗଲେ । ବର ବାବୁ ଓ କନ୍ୟା ଝିଅର ପିନ୍ଧିଥିବା ମୁକୁଟ ସବୁ ପଥର ହୋଇଗଲା । ବର୍ତ୍ତମାନ ପର୍ଯ୍ୟନ୍ତ ଏହା ସ୍ପଷ୍ଟ ଭାବରେ ପରିଲକ୍ଷିତ ହେଉଛି । ତେଣୁ ଏହି ପଥରକୁ ମୁକୁଟ ଟାଙ୍ଗର ବୋଲି ନାମିତ କରାଯାଇଛି ।

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର